# କୃଷିଋଣ ସୁଧରେ ୩% ସବ୍‌ସିଡି ପାଇଁ ନବୀନ ଲେଖିଲେ ଚିଠି

ଭୁବନେଶ୍ୱର, ୧୩।୧୧/ଏନ୍‌ଏନ୍‌ଏସ୍:

କୃଷିଋଣ ସୁଧରେ ତିନି ପ୍ରତିଶତ ସବ୍‌ସିଡି ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ନିକଟରେ ରାଜ୍ୟରେ ମରୁଡ଼ି ଏବଂ ଚକଡ଼ା ପୋକ ଆକ୍ରମଣ କାରଣରୁ ରାଜ୍ୟ ସରକାର ଚାଷୀମାନେ ନେଇଥିବା ଫସଲ ଋଣକୁ ମଧ୍ୟବର୍ତ୍ତିକାଳୀନ ଋଣରେ ପରିବର୍ତ୍ତନ କରିଛନ୍ତି। ଏହି ପରିବର୍ତ୍ତନ ସତ୍ତ୍ୱେ ଅନ୍ୟ ଋଣ ଭଳି ଏହାର ସୁଧ ହାର ୧୧.୨୦% ରହିଥିବାରୁ ଏହାକୁ ହ୍ରାସ କରିବା ପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ନିକଟରେ ରାଜ୍ୟ ସରକାର ଘୋଷଣା କରିଥିବା ପ୍ୟାକେଜ୍ ଅନୁସାରେ ୩୩ରୁ ୫୦ ପ୍ରତିଶତ ଫସଲହାନିର ଶିକାର ହୋଇଥିବା ଚାଷୀମାନେ ନେଇଥିବା କୃଷିଋଣକୁ ମଧ୍ୟବର୍ତ୍ତିକାଳୀନ ଋଣରେ ପରିବର୍ତ୍ତନ କରାଯାଇଛି। ସେହି ଅନୁସାରେ ୨୦୧୭ ଖରିଫ୍ ଋତୁରେ ନିଆଯାଇଥିବା କୃଷିଋଣ

▶▶ ୭